# ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

**ସମିତି ସର୍କୁଲାର ନଂ. ୧୪ ........ ତା.୨୧.୦୫.୨୦୧୮**

ଏତତ୍ ଦ୍ୱାରା ସମଲେଶ୍ୱରୀ ଦୁଗ୍ଧ ସଂଘର ଜାତୀୟ ଡେୟରୀ ଯୋଜନା-୧ (NDP-1) ଦ୍ୱାରା Prompt Company ର ୫୦ଗୋଟି Data Processor & Milk Collection Unit (DPMCU) ସ୍ଥାପନ କରାଯାଇଥିବା ସମିତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଗତ ତା.୦୧.୦୫.୨୦୧୭ରିଖ ରୁ ୩୦ଗୋଟି ସମିତିର ଏବଂ ତା.୦୪.୧୨.୨୦୧୭ରିଖରୁ ୨୦ଗୋଟି ସମିତିର DPMCU Warranty ସରିଯାଇଅଛି । ଏଣୁ ଉକ୍ତ ମେସିନ୍ ମରାମତି ପାଇଁ ବାର୍ଷିକ ମରାମତି ଚୁକ୍ତି (Annual Maintenance Contract) ଅଂଚଳ ଭାରପ୍ରାପ୍ତ ଅଧିକାରୀ, ବରଗଡ, ଚିପିଲିମା, ବକ୍ସମା, ସୋନପୁର ଏବଂ ହିସାବ ଭାରପ୍ରାପ୍ତ, ଦୁଗ୍ଧ ସଂଘ ଦ୍ୱାରା ଗଠିତ କମିଟୀ ଶ୍ରୀ ଜଗନ୍ନାଥ ସେଲ୍ସ ଓ ସାର୍ଭିସ୍, ଭୁବନେଶ୍ୱର ସହିତ ବର୍ଷକୁ ଟ.୪,୫୦୦.୦୦ + GST ଚୁକ୍ତି କରାଯାଇଅଛି । ଏଥିପାଇଁ DPMCU ପ୍ରତି ଟ.୧୫୦.୦୦ ସମିତିମାନଙ୍କୁ ବିଲ୍ ପିଛା ଦେବାକୁ ପଡିବ । ଯଦି କୌଣସି Spare parts ଖରାପ ହୋଇଥାଏ, ତା'ହେଲେ ତା'ର ମୂଲ୍ୟ ସମିତିକୁ ବହନ କରିବାକୁ ପଡିବ ।

ଏହି ବାର୍ଷିକ ମରାମତି ଚୁକ୍ତି (Annual Maintenance Contract) ତା.୦୧.୦୫.୨୦୧୮ରିଖ ରୁ ତା.୩୦.୦୪.୨୦୨୧ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ସ୍ଥିର କରାଯାଇଅଛି । ଏଥିପାଇଁ କମ୍ପାନୀର ମେସିନ୍ ମରାମତି କରୁଥିବା ବ୍ୟକ୍ତି ମାସକୁ ଥରେ ନିକଟସ୍ଥ ସମିତି/ବି.ଏମ୍.ସି ମାନଙ୍କୁ ଯିବେ । ଏଣୁ ସମିତିମାନଙ୍କୁ ଅନୁରୋଧ, Prompt Company ର DPMCU ଯଦି ଖରାପ ହୁଏ, ତା'ହେଲେ ଲିଖିତ ଆକାରରେ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକାମାନଙ୍କୁ ଦେବେ ଏବଂ ଏହା ଯେତେ ଶିଘ୍ର ସମ୍ଭବ ଠିକ୍ କରିବାର ବ୍ୟବସ୍ଥା କରିବେ ଏବଂ ମେସିନ୍ ଠିକ୍ ସମୟରେ ମରାମତି ହେଉଛି କି ନାହିଁ ତା'ର ତଦାରଖ ଅଂଚଳ ଭାରପ୍ରାପ୍ତ ଅଧିକାରୀ ମାନେ କରିବେ ।

**ସାଧାରଣ ପରିଚାଳକ**

**ସୂଚନା କ୍ରମାଙ୍କ ନଂ...୨୧୭** ତା.୧୯.୦୫.୨୦୧୮

ନକଲ ପାଇବେ -୧. ୫୦ଗୋଟି Data Processor & Milk Collection Unit (DPMCU) ସ୍ଥାପନ କରାଯାଇଥିବା ସମିତି ।

୨. ସଂପୃକ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା

୩. ସଂପୃକ୍ତ ଅଂଚଳ ଭାରପ୍ରାପ୍ତ ଅଧିକାରୀ ।

୪. ହିସାବ ଭାରପ୍ରାପ୍ତ, ଦୁଗ୍ଧ ସଂଘ

**ସାଧାରଣ ପରିଚାଳକ**